ଅଧ୍ୟାୟ ୩

ନୌବାଣିଜ୍ୟ ଓ ସମୁଦ୍ରଯାତ୍ରା।

କଳିଙ୍ଗ ରାଜାମାନଙ୍କ ଶାସନକାଳରେ ନୌବାଣିଜ୍ୟ ବହୁଡ଼ ଉନ୍ନତି କରିଥିଲା । କଳିଙ୍ଗର ନାବିକ, ବଣିକ ଓ କାରିଗରମାନେ ସମୁଦ୍ର ମାର୍ଗରେ ଦୂରଦେଶକୁ ଯାତ୍ରା କରୁଥିଲେ । ସେମାନେ ପୁର୍ବ ଦିଗରେ ସୁବର୍ଣ୍ଣଭୂମି (ଦକ୍ଷିଣ-ପୁର୍ବ ଏସିଆ), ଶ୍ରୀବିଜୟ, ଯବଦ୍ୱୀପ, ବାର୍ଲି, ସୁମାତ୍ରା, ଜାଭା ପର୍ଯ୍ୟନ୍ତ ଯାଇଥିଲେ ।

କଳିଙ୍ଗରୁ ବସ୍ତ୍ର, ମଦ, ମସଲା, ହାତୀଦାନ୍ତ, ଶୁଶୋଭିତ ପାତ୍ର, କାଠର କଳାକୃତି ଓ ଅନେକ ହସ୍ତଶିଳ୍ପ ସାମଗ୍ରୀ ରପ୍ତାନି ହେଉଥିଲା । ସେହିପରି ସେଠା'ରୁ ସୁନା, ମସଲା, ଲବଙ୍ଗ, କର୍ପୂର, ବିଭିନ୍ନ ଜଙ୍ଗଲ ଉତ୍ପାଦ ଓ ଦୁର୍ଲଭ ସାମଗ୍ରୀ ଆସୁଥିଲା । ଏହି ବାଣିଜ୍ୟ କଳିଙ୍ଗକୁ ଧନୀ ଓ ସୁସମୁଦ୍ଧ କରିଥିଲା ।

କଳିଙ୍ଗର ନୌସେନା ଦୃଢ଼ ଥିଲା । ବଡ଼ ବଡ଼ କାଠର ଜାହଜ ତିଆରି ହେଉଥିଲା, ଯାହା ପବନର ସହାୟତାରେ ଦୂର ସମୁଦ୍ର ପାର କରୁଥିଲା । କଳିଙ୍ଗର ନୌବାଣିଜ୍ୟ ଭାରତର ସମୁଦ୍ର ଇତିହାସରେ ଏକ ଗୌରବମୟ ଅଧ୍ୟାୟ ଥିଲା ।



ଅଧ୍ୟାୟ ୪

ବାଲିଯାତ୍ରାର ଗୌରବ

କଳିଙ୍ଗ ନୌବାଣିଜ୍ୟ ଓ ସମୁଦ୍ରଯାତ୍ରାର ସେହି ଗୌରବମୟ ଇତିହାସର ସୁଁତିରେ ଆଜି ମଧ୍ୟ ଓଡ଼ିଶାରେ ବାଲିଯାତ୍ରା ପାଳନ କରାଯାଏ । କାର୍ତ୍ତିକ ପୁର୍ଣ୍ଣିମାରେ ଲୋକମାନେ ନଦୀ କିମ୍ବା ସମୁଦ୍ରତଟରେ ଛୋଟ ନୌକା ଭାସାଇ ଦେଇଥାନ୍ତି ଓ ଟାଁପ ଜଳାଇ ସମୁଦ୍ର ଯାତ୍ରା କରିଥିବା ପୁର୍ବକମାନଙ୍କୁ ସ୍ମରଣ କରିଥାନ୍ତି ।

ବାଲିଯାତ୍ରା କେବଳ ଏକ ଉତ୍ସବ ନୁହେଁ, ଏହା କଳିଙ୍ଗର ସାହସ, ବଣିଜ୍ୟ, ସଂସ୍କୃତି ଓ ବିଶ୍ୱ ସହିତ ସମ୍ପର୍କର ପ୍ରତ୍ରାତୀକ । ଏହି ଉତ୍ସବରେ ଦେଶ-ବିଦେଶରୁ ବ୍ୟାପାରୀ, କାରିଗର, କଳାକାର ଏବଂ ସାଧାରଣ ଲୋକମାନେ ଏକତ୍ର ହୁଅନ୍ତି । ମେଳାରେ ହସ୍ତଶିଳ୍ପ, ପାରମ୍ପରିକ ସାମଗ୍ରୀ, ଓଡ଼ିଶାର ସଂସ୍କୃତି ଓ ଖାଦ୍ୟର ବହୁ ରୂପ ଦେଖିବାକୁ ମିଳେ ।

ବାଲିଯାତ୍ରା ଆମକୁ ଆମର ସମୁଦ୍ରଯାତ୍ରା ଇତିହାସ, ପରମ୍ପରା ଓ ଗୌରବକୁ ମନେ ପକାଇଥାଏ । ଏହି ପାରମ୍ପରିକ ଉତ୍ସବକୁ ସଂରକ୍ଷଣ କରିବା ଆମ ସମସ୍ତଙ୍କ ଦାୟିତ୍ୱ, କାହିଁକିନା ଏହା କଳିଙ୍ଗର ଅମୂଲ୍ୟ ଐତିହ୍ୟ ।

